ମାଟି ମାଆର ଡ଼ାକ

ଡ଼ାକ୍ତର ମଦନ ମୋହନ ପ୍ରଧାନ

ଖୁସିରେ ପଢ଼ିବା ଅଭିଯାନ
ଭାରତ ଜ୍ଞାନ ବିଜ୍ଞାନ ସମିତି, ଓଡ଼ିଶା

Digitized by srujanika@gmail.com

ମାଟିମାଆର ଡାକ

ଲେଖକ : ଡାକ୍ତର ମଦନମୋହନ ପ୍ରଧାନ

ଅଙ୍କନ : ଗୌରୀଶଙ୍କର ବେହେରା

ପ୍ରସ୍ତୁତି : ଜୟଦ୍ରଥ ଚୌଧୁରୀ

ପ୍ରକାଶକ : ଭାରତ ଜ୍ଞାନ ବିଜ୍ଞାନ ସମିତି

ସି- ୨ , ହାଉସିଂ ବୋର୍ଡ଼ କଲୋନୀ

ବରମୁଣ୍ଡା, ଭୁବନେଶ୍ୱର- ୭୫୧ ୦୦୩

ଫୋନ୍: (୦୬୭୪) ୪୭୦୮୯୧

ଅଙ୍ଗସଜ୍ଜା ଏକାମ୍ର ପ୍ରେସ୍, ଭୁବନେଶ୍ୱର

ମୂଲ୍ୟ : ଅଢ଼େଇ ଟଙ୍କା

ପ୍ରକାଶନ କାଳ: ଜାନୁଆରୀ ପହିଲା ୧୯୯୭

ଏହି ପୁସ୍ତକଟି ଖୁସିରେ ପଢ଼ିବା ଅଭିଯାନ (Jan Vachan Andolan) ନିମିତ୍ତ ପ୍ରକାଶ କରାଯାଇଛ । ଏହା ଏକ ଦେଶବ୍ୟାପୀ ଉଦ୍ୟମ । ଏଥରେ ଜନସାଧାରଣଙ୍କ ପଢ଼ିବାର ରୁଚିକୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ କମ୍ ମୂଲ୍ୟରେ ଓ ସହଜରେ ସେମାନଙ୍କୁ ପୁସ୍ତକ ଯୋଗାଇବା ଯୋଜନା ରଖାଯାଇଛି ।

Call of Soil • Author: Dr. Madan Mohan Pradhan • Illustration: Gouri Shankar Behera • Published by BGVS. for J.V.A • Price: Rs. 2.50 • Period of Publication: 1st January 1997

Digitized by srujanika@gmail.com

ବହୁକାଳରୁ ପାହାଡ଼ଟି ଛିଡ଼ା ହୋଇଛି । ଆଗର ଜଙ୍ଗଲ କମିଯାଇଛି । ବାଘ ହାତୀ ଭୟ ନାହିଁ । କେତେଟା ଗାଡ଼ ଭାଲୁ ଛଡ଼ା ଆଉ ବେଶି କିଛି ହିଂସ୍ରଜନ୍ତୁ ନାହାଁନ୍ତି । ଆଗର ସବୁଜିମାର ସୌନ୍ଦର୍ଯ୍ୟ ସିନା କମିଯାଇଛି, ମାତ୍ର ସହର ଅପେକ୍ଷା ଏଟାରେ ଶାନ୍ତି ଲାଗୁଛି । ସୁଲୁସୁଲିଆ ନିର୍ମଳ ପବନ ଟିକିଏ ଦେହରେ ବାଜୁଛି । ରାସ୍ତା ହେଲାଦିନୁ ବାହାର ଲୋକମାନେ ଆସୁଛନ୍ତି । ସେହିଦିନୁ ପାହାଡ଼ର ଜଙ୍ଗଲ ବି କମିବାରେ ଲାଗିଛି । ଟ୍ରକମାନେ ମଝିରେ ମଝିରେ ପଥୁରିଆ ଜଙ୍ଗଲିଆ ରାସ୍ତାରେ ଘଁ ଘଁ କରି ପାହାଡ଼ ଉପରକୁ ଉଠନ୍ତି । ଟ୍ରକ ବୋଝେଇ କଟା ଗଛ ନେଇ ଚାଲିଯାଆନ୍ତି ।

ପାହାଡ଼ ତଳେ ଆଦିବାସୀ ଗାଁଟିଏ । ନାଁଟି ତାର ମନୋହର ପୁର । କେତେକାଳରୁ ଗାଁଟି ଏଠି ବସିଛି କେହି ସଠିକ୍ ଭାବରେ କହିପାରୁନାହାଁନ୍ତି । ହେଲେ ବି ଛଅ ସାତ ପୁରୁଷ କାହାଣୀ ଗାଁ ଲୋକଙ୍କ ମୁହଁରେ ଅଛି । ଗାଁ ମୁଣ୍ଡରେ ପଡ଼ିଆଟିଏ ଅଛି । ପଡ଼ିଆଟି ପିଠି ମେଲେଇ ପଡ଼ିଛି । ଗାଁ ଲୋକେ ସେ ପଡ଼ିଆଟିକୁ କେତେ କାଳୁ ଦେଖି ଆସୁଛନ୍ତି । ପଡ଼ିଆ ମଝିରେ ଗୋଟିଏ ବଡ଼ ମାଙ୍କଡ଼ା ପଥର କିଛି ସ୍ମୃତି ଓ କିମ୍ବଦନ୍ତୀ ଧରି ଛିଡ଼ା ହୋଇଛି । ଗାଁ ଲୋକେ କହନ୍ତି, ଆଗରୁ ଏଇଠି ଜଣେ ସାଧୁବାବା ରହୁଥିଲେ । ସେତେବେଳେ ଏଇଠି ଅଗନା ଅଗନି ବନସ୍ତ ଥିଲା । ଅଗନା ଅଗନି ବନସ୍ତ ଭିତରେ ପଡ଼ିଆଟି ସତେ ଯେପରି ସ୍ୱର୍ଗର ନନ୍ଦନ କାନନ ହୋଇ ରହିଥିଲା । ନାନା ରକମର ଫୁଲ ଫଳରେ ଏଇ ଜାଗାଟି ଶାନ୍ତି ଖେଳାଇ

Digitized by srujanika@gmail.com

ଦେଉଥିଲା । ସାଧୁଜଣଙ୍କ ଆରପୁରୀକୁ ଚାଲିଗଲେ । ତାଙ୍କ କୃତିକୁ ଆଉ କେହି ସମ୍ଭାଳିବାକୁ ନଥିଲେ । ଏଇ ମାଙ୍କଡ଼ା ପଥର ତଳେ ସାଧୁଙ୍କ ମର ଶରୀର ସମାଧି ଦିଆ ହୋଇଥିଲା । ମାଙ୍କଡ଼ା ପଥରଟିକୁ ଦେଖିଲେ ମୁଣ୍ଡ ନଇଁଯାଏ ।

ଏ ପଡ଼ିଆଟି କେତେକାଳରୁ ଏମିତି ନିରସ ଭୂଇଁ ହୋଇ ପଡ଼ି ରହିଥିଲା କେହି କହି ପାରିନଥିଲେ । ପଡ଼ିଆଟି ପ୍ରତି ବି କାହାର ଧ୍ୟାନ ନଥିଲା । ଦେବ ଭୂଇଁ ବୋଲି ଆଉ କେହି ଭରସି କରି କିଛି କରୁନଥିଲେ । ଦି'ଟା ବୁଢ଼ା ଆମ୍ବଗଛ କେଉଁ କାଳରୁ ସେଇଠି ଛିଡ଼ା ହୋଇ ରହିଥିଲେ । କେଉଁ ବରଷ ସେଥିରେ ବଉଳ ଆସି ଝୁରୁସି ଯାଉଥିଲା ତ ଆଉ କେଉଁ ବରଷ ମୂଳରୁ ବଉଳୁ ନଥିଲା । ନୀରସ ଭୂଇଁଟିରେ ଘାସ ବି ଚନ୍ଦା ଚନ୍ଦା ହୋଇ ଛାଡ଼ି ଯାଇଥିଲା । ଠାଏ ଠାଏ ପଥରମାନଙ୍କର ପିଠିଗୁଡ଼ାକ ଫୁଟି ଦିଶୁଥିଲେ । ବେଙ୍ଗଟିଏ ବି ବର୍ଷା ଦିନେ ରଡ଼ି ଛାଡୁ ନଥିଲେ । ଏତେ ବଡ଼ ଶୁଖିଲା, ନୀରସ ପଡ଼ିଆଟିକୁ କିଏ ବା କାହିଁକି ମନ କରିବ ।

Digitized by srujanika@gmail.com

ପଡ଼ିଆ କଡ଼ରେ ଛୋଟ ନାଳଟିଏ ଥିଲା । ବର୍ଷା ହେଲେ ଏଥିରେ ପାଣି ବୋହିଯାଏ । ବର୍ଷା ଛାଡ଼ିବା ସଂଗେ ସଂଗେ ନାଳରୁ ପାଣି ଛାଡ଼ିଯାଏ । ପଡ଼ିଆର ବର୍ଷାପାଣି ନିଗିଡ଼ିଯାଇ ନାଳରେ ପଡ଼େ । ଘାସ ତ ଜଅଁଳି ପାରୁନଥିଲା । ମାଟିକୁ ବାନ୍ଧି ରଖିବାପାଇଁ ଘାସ ଚେରରେ ବି ଯୁ' ନଥିଲା । ବର୍ଷାରେ ମାଟି ଧୋଇ ହୋଇ ଯାଉଥିଲା । ବର୍ଷ ପରେ ବର୍ଷ ଏଇମିତି ମାଟି ଧୋଇ ହେବାରେ ଲାଗିଥିଲା ।

ଦିନେ ଗଛଲତା, ଫୁଲ ଫଳରେ ପୂରି ରହିଥିବା ଏଇ ମାଟି ମାଆର ଅନ୍ତର ନିଶ୍ଚୟ କାନ୍ଦିଥିବ । ଅନ୍ତର ବେଦନା ଜଣେଇବା ପାଇଁ ସେ ଚିତ୍କାର କରିଥିବ । ସେହି ଚିତ୍କାର କାହାର ହୃଦୟକୁ ବିଚଳିତ କରିଥିବ ନିଶ୍ଚୟ । ସେହି ହୃଦୟବାନ ମଣିଷଟି ମାଟି ମାଆକୁ ଆବୋରି ନେଇଥିବ । ନ ହେଲେ, ସେ ନୀରସ ପଡ଼ିଆଟି ଆଜି ସବୁଜିମା ଭରା ହସଖୁସିର ନୂଆ ଦୁନିଆଟିକୁ ଧରି ପାରି ନଥାନ୍ତା ।

ଏ ନୂଆ ସଂସାରଟିର ମୁରବୀ ଜଣଙ୍କର ମୁଖମଣ୍ଡଳରେ ଖୁସି ଭରି ରହିଛି । ବୟସ ବହୁତ ବେଶି ହୋଇଯାଇଛି । ମୁଣ୍ଡର ସବୁକେଶ ଧଳା । କିନ୍ତୁ ତାଙ୍କ ଦେହ ହାତ ମୁଣ୍ଡ ସବୁକିଛି ଏକ କର୍ମମୁଖର ଇତିହାସକୁ ସ୍ମରଣ କରାଇ ଦେଉଛନ୍ତି ।

ସେତେବେଳେ ତାଙ୍କୁ ପଚିଶି ବର୍ଷ ହୋଇଥାଏ । ସଂସାର ବନ୍ଧନ କିଳି ହୋଇ ରହିବାକୁ ତାଙ୍କର ମନ ମାନୁଥାଏ । ଘରୁ ବାହାରି ଆସିଥାନ୍ତି ଆଉ କିଛି ସନ୍ଧାନରେ ଯାହା ତାଙ୍କ ଜୀବନକୁ ଆନନ୍ଦ ଦେଇପାରିବ । ଘରଛଡ଼ା ଯୁବ ବାବାଜୀ ଘୁରି ବୁଲୁଥାନ୍ତି । ଜଂଗଲର ଫଳମୂଳ, ଝରଣାର ପାଣିକୁ ଆଶ୍ରାକରି ଚାଲିଥାଏ ତାଙ୍କର ଯାତ୍ରା । ଅନୁସନ୍ଧାନୀ କେବେ ହାର ମାନେନି । ଖୋଜିବାର ନିଶା ସମସ୍ତ ଦୁଃଖକଷ୍ଟକୁ ସାଥୀ କରିନିଏ ।

Digitized by srujanika@gmail.com

ଏମିତି ଦିନେ ଘୁରୁ ଘୁରୁ ଯୁବ ବାବାଜୀ ଜଣଙ୍କ ଏଇ ପଡ଼ିଆ ପାଖରେ ଆସି ପହଞ୍ଚିଲେ । ଆମ୍ବ ଗଛମୂଳରେ ଥକା ମେଣ୍ଟାଉ ମେଣ୍ଟାଉ ନିଦ ଲାଗି ଆସିଲା । ଏହି ସମୟରେ ଖରାଟିଆ ମେଘ ଅସରାଏ ବରଷିଗଲା । ଶୁଖିଲା ମାଟିରେ ପାଣି ପଡ଼ିବାରୁ ମାଟିର ବାସ୍ନା ବାହାରିଆସିଲା । ଯୁବ ବାବାଜୀଙ୍କ ମନ ଟାଣିନେଲା । ନୀରସ ପଡ଼ିଆର ହୃଦୟଟାକୁ ବାବାଜୀ ଖୋଜି ବୁଲିଲେ । ମା'ଟି ମାଆର କରୁଣ ନିବେଦନଟି ଘାରି ହେବାକୁ ଲାଗିଲା- ''ହେ ମାନବପୁତ୍ର, ତୁମେ ମୋର ଲୁହଭରା ନିବେଦନଟିକୁ ବୁଝିପାରିବ କି ? ମୋ ଦେହରେ ଦିନେ ସବୁଜିମା ଫୁଟି ଉଠୁଥିଲା । କେତେ କେତେ ଗଛଲତା, ଫୁଲଫଳରେ ମୁଁ ଶୋଭା ପାଉଥିଲି । ଏଠାରେ କୋଇଲିର କୁହୁ ଡ଼ାକ କେତେ ଦୂରରେ ନିସ୍ତବ୍ଧତାକୁ ଛୁଇଁ ଯାଉଥିଲା ।

ଏଠାରେ ସାପ ନେଉଳର ଛକା ପଞ୍ଝା ଚାଲିଥିଲା । ମୟୂର ପୁଚ୍ଛ ମେଲାଇ ନାଚୁଥିଲା । ବେଙ୍ଗ ବେଙ୍ଗୁଲି ନାଚୁଥିଲେ, ରଡ଼ି ଛାଡୁଥିଲେ ।

Digitized by srujanika@gmail.com

ଆଷାଢ଼ ମାସରେ ସାଧବ ବୋହୂ ନାଲି ଶାଢ଼ୀ ପିନ୍ଧି ଘାସ ପଡ଼ିଆରେ ଲାଙ୍ଖେଇ ଲାଙ୍ଖେଇ ଚାଲି ଯାଉଥିଲା । ଆଜି କିନ୍ତୁ ସେ ସବୁ ଆଉ ନାହିଁ । ପୁରୁଷ ପୁରୁଷ ବିତି ଗଲାଣି । ମୋତେ ଲୋକମାନେ ବ୍ୟବହାର କଲେ, ମାତ୍ର ମୋର ଯତ୍ନ ନେବାକୁ ଭୁଲିଗଲେ । ଶେଷକୁ ମୁଁ ପୂରା ଲଣ୍ଡା ହୋଇଗଲି । ଘାସ ବି ଜିଇଁ ପାରିଲା ନାହିଁ । କେବଳ ବୁଢ଼ା ଆମ୍ବଗଛ ଦୁଇଟି ସେହିଦିନୁ ମୂକସାକ୍ଷୀ ହୋଇ ଛିଡ଼ା ହୋଇଛନ୍ତି । ମୋ ଦେହରେ ବର୍ଷାପାଣି ଟିକିଏ ପଡ଼ିଲେ, ମୁଁ ତାକୁ ପିଇପାରୁନି । ସେସବୁ ନିଗିଡ଼ି ଯାଉଛି ସେ ନାଳପାଖକୁ । ପାଣି ସାଂଗରେ ମୋ ଦେହରୁ ମାଟି ବି ଚାଲିଯାଉଛି । ସାନ ନାଳଟି ପୋତି ହୋଇଯାଉଛି । ପୂର୍ବ ସୌନ୍ଦର୍ଯ୍ୟ ଫେରି ପାଇବାପାଇଁ ମୋର ଭାରି ଇଚ୍ଛା । ମୋର ପୂରା ବିଶ୍ୱାସ ମୁଁ ମୋର ପୂର୍ବ ରୂପ ଫେରି ପାଇବି । ହେଲେ କିଏ ସେ ମାନବପୁତ୍ର ମୋ କଥା ବୁଝିପାରିବ । ମୋ କୋଳରେ ଝାଳବୁହା ମେହେନତ କରିବ । ମୋ ଭିତରର ଗୁପତ ସୁନାକୁ ବାହାର କରିପାରିବ ।''

Digitized by srujanika@gmail.com

ଯୁବ ବାବାଜୀ ମାଟି ମାଆର କରୁଣ ନିବେଦନଟି ବୁଝି ପାରିଥିଲା । ଆହ୍ୱାନଟିକୁ ସାମନା କରିବାକୁ ତାଙ୍କ ଭିତରେ ଶିହରଣ ସୃଷ୍ଟି ହେଲା । ସେ ଆଉ ବାରଆଡ଼େ ବୁଲିବା ପାଇଁ ମନକଲେ ନାହିଁ । ଜୀବନର

କର୍ମକ୍ଷେତ୍ରକୁ ସ୍ଥିର କରିନେଲେ । ଲକ୍ଷ୍ୟ ତାଙ୍କର ପରିଷ୍କାର ହୋଇଗଲା । ମାଟି ମାଆର ନିବେଦନକୁ ସେ ସାର୍ଥକ କରିବେ ।

ଅଚିହ୍ନା ଜାଗା । ବିଦେଶୀ ମଣିଷ । କାହାଠାରୁ ସେ ସହଯୋଗ ପାଇବେ ? କିଏ ତାଙ୍କ ସହ ମିଶିବ ? ଏଭଳି ସଂଦେହମାନ ଉଙ୍କି ଉଠିଲା । ମାତ୍ର ସେସବୁ ଅଚିରେ ହୃଦୟର ସାହାସ ପାଖରେ ମଉଳିଗଲା । ବାବାଜୀଙ୍କ ଅନ୍ତର ଭିତରେ ଗୋଟିଏ କଥା ପ୍ରତିଧ୍ୱନିତ ହେବାକୁ ଲାଗିଲା - ପାଖରେ ମନୋହରପୁର ଗାଁ । ଏ ଗାଁରେ ସରଳ ମଣିଷମାନେ ଅଛନ୍ତି ।

Digitized by srujanika@gmail.com

ସେମାନଙ୍କ ପାଖରେ ପହଞ୍ଚିଲେ ସେମାନେ ଆଦର କରିବେ । ପେଟକୁ ଖାଇବାକୁ ମୁଠେ ଯୋଗାଇ ଦେବେ । ପ୍ରତିବଦଳରେ ସେ ସେମାନଙ୍କୁ ଦେବେ ଆଶା ଓ ଆଶାବାଦର ଆଲୋକ । ବାବାଜୀଙ୍କ ଅନ୍ତରରେ ଏହି କଥାଟି ଚହଲିଗଲା ।

ବାବାଜୀଙ୍କ ଆଶାରେ ଚେର ଲାଗିଲା । ଗାଁ ଲୋକଙ୍କ ସହଯୋଗ ମିଳିଲା । ବାବାଜୀଙ୍କ ଚାଲିଚଳନ ଆଚରଣ ଗାଁ ଲୋକଙ୍କୁ ମୁଗ୍ଧ କରିଦେଲା । ବାବାଜୀଙ୍କ ପେଟ ଭୋକିଲା ରହିଲା ନାହିଁ । ଗାଁ ଲୋକେ ବାବାଜୀଙ୍କୁ ନିଜର କରିନେଲେ । ଏସବୁ ସତ୍ତ୍ୱେ ବାବାଜୀ ନିଜ ଲକ୍ଷ୍ୟରୁ ହୁରୁଡ଼ିଲେ

ନାହିଁ । ସେ ନୀରସ ପଡ଼ିଆ ଭୂଇଁରେ ମାଟି ମାଆ ତାଙ୍କୁ ଡ଼ାକିଛି । ମାଟି ମାଆର ଡ଼ାକରା ଅନୁସାରେ ବାବାଜୀ ନିଜକୁ ପ୍ରସ୍ତୁତ କରିଛନ୍ତି । ଜୀବନଟି ଏଇଥିପାଇଁ ବଂଚିବେ ବୋଲି ନିଷ୍ପତ୍ତି ନେଇ ସାରିଛନ୍ତି । ମାଟି ମାଆର ଆହ୍ୱାନକୁ ସାକାର କରିବାପାଇଁ ବାବାଜୀ ଦିନ ଦିନ ବସି ଭାବିଛନ୍ତି । ବାଟ ଖୋଜିଛନ୍ତି । ନିଜ ଅନ୍ତର ଦେବତାଙ୍କୁ ପଚାରିଛନ୍ତି- ବାଟ କୁଆଡ଼େ ?

Digitized by srujanika@gmail.com

ତାଙ୍କୁ ବାଟ ଦିଶିଛି । ଅନ୍ତରରୁ ଶୁଭିଛି ସେଇ ଗୋଟିଏ ମନ୍ତ- ପ୍ରକୃତି, ପ୍ରକୃତି, ପ୍ରକୃତି । ପ୍ରକୃତିର ଅଗ୍ରଗତି ପାଇଁ କୃତ୍ରିମତା ଲୋଡ଼ା ନାହିଁ । ସବୁକିଛି ଅତି ସ୍ୱାଭାବିକ ପରିଚାଳିତ ହେବା ଆବଶ୍ୟକ ।

ବାବଜୀଙ୍କ କଥାଶୁଣି ଗାଁ ଲୋକେ ହସିଛନ୍ତି । ସେମାନେ କହିଛନ୍ତି, ବାବାଜୀ ଅସମ୍ଭକୁ ସମ୍ଭବ କରିବାକୁ ବସିଛନ୍ତି । କିନ୍ତୁ, ଗାଁବାଲା ବାବାଜୀଙ୍କ ଅନୁରୋଧ ରଖିଛନ୍ତି ।

ଗାଁ ସଭାରେ କଥା ପଡ଼ିଲା । ସେହି ଅନୁସାରେ ଗାଁର ଗାଈ ଗୋରୁ, ଛେଳି ମେଣ୍ଢା ସେ ପଡ଼ିଆରେ ଚରି ନାହାଁନ୍ତି । ପଡ଼ିଆର ଚାରିପାଖେ ସବୁଜ କଣ୍ଟାବାଡ଼ ଦିଆଯାଇଛି । ପ୍ରଥମ ବର୍ଷାର ନୂଆ ପାଣି ପଡ଼ିଲା । ଶୁଖିଲା ଦୂବଘାସ ସାଗୁଆ ହୋଇ ବାହାରିଲେ । ବର୍ଷା ଗଲା, ଦି ବର୍ଷ ଗଲା । ବର୍ଷାପାଣି ପାଇ ଘାସ ଚେର ମାଡ଼ିଲା । ଘାସର ସବୁଜ ଗାଲିଚାଟିଏ ବିଛାଇ ହୋଇଗଲା । ଅନାବନା ଗଛଲତାର ମୂଳସବୁ ଗଜୁରିଲେ । ଚେର ମାଟିକୁ ଯାବୁଡ଼ି ଧରିଲେ । ବର୍ଷାଦିନେ ବର୍ଷା ହେଲା । ପଡ଼ିଆ ଉପରେ ପାଣି ବହିଗଲା । ମାତ୍ର ଆଉ ମାଟି ଧୋଇ ହୋଇ ଚାଲିଗଲା ନାହିଁ ।

ବାବାଜୀଙ୍କ ସାହସ ବଢ଼ିଲା । ମନରେ ଆତ୍ମସନ୍ତୋଷ ଆସିଲା । ଲୋକେ କହିଲେ ବାବାଜୀଙ୍କର ଦୈବୀ ଶକ୍ତି ଅଛି । ଅସମ୍ଭକୁ ସମ୍ଭବ କରିବାପାଇଁ ଭଗବାନ ବାବାଜୀଙ୍କୁ ପଠାଇଛନ୍ତି । ବାବାଜୀ କିନ୍ତୁ ପ୍ରଶଂସା ଭିତରେ ହଜିଗଲେ ନାହିଁ । ନିଜ ରାସ୍ତାରେ ସାବଧାନ ରହିଲେ । ନିଜର ବିଶ୍ୱାସଟିକୁ ସେ ଆହୁରି ଦୃଢ଼କଲେ । ମା'ଟି ମାଆର ନିବେଦନକୁ ସ୍ମରଣ କରିବାକୁ ଲାଗିଲେ । ତାଙ୍କ ଅନ୍ତରରେ ସତେଯେପରି କିଏ ତୁହାଇ ତୁହାଇ କହି ଚାଲିଲା- ଏଇଠି ସୁନା ରହିଛି । ଏଇଠି ଗୁପତଧନ ରହିଛି । ଏଇଠି ସ୍ୱର୍ଗ ଉଙ୍କି ମାରିବ ।

ବାବାଜୀଙ୍କ ସାଂଗରେ ଗାଁ ଲୋକେ ମିଶିଗଲେ । ପଡ଼ିଆ ଜମି ଉପରେ

Digitized by srujanika@gmail.com

ମେହେନତ କଲେ । ସବୁଜ ଖତ ସାର ତିଆରି ହେଲା । ପଡ଼ିଆ ଜମିରେ ପାଣି ସିଞ୍ଚାଗଲା । ଆଗରୁ ଶୁଖିଯାଇଥିବା ଅନେକ ଗୁଳ୍ମଗଛଲତା ସତେ ଯେପରି ସଂଜୀବନୀ ରସ ପାଇଲେ । ଚେଇଁ ଉଠିଲେ । କେନ୍ଦୁ ଉଠିଲା, ଶାଳ ଗଜୁରିଲା, ଅସନ ଉଠିଲା, ପଳାଶ, ସାହାଡ଼ା ମୁଣ୍ଡ ଟେକିଲେ, ଜାମୁଗଛ ଡ଼େଙ୍ଗା ହେଲା, ବରଡ଼ା ଗଛରେ ପତର ଚେକା ମାରିଲେ । ଅତଣ୍ଡି ଲଟି ମାଡ଼ିଲା । ଏସବୁ ସାଙ୍ଗକୁ ବେଙ୍ଗ ରାବିଲେ, କୋଇଲି କୁହୁ କୁହୁ କଲେ । ଆଷାଢ଼ ମାସରେ ସାଧବ ବୋହୂମାନେ ଘାସ ଗାଲିଚା ସୌନ୍ଦର୍ଯ୍ୟ ବଢ଼ାଇ ଦେଲେ । ଏଣ୍ଡୁଅ ମୁଣ୍ଡ ଟୁଙ୍ଗାରିଲେ । ମାଟି ବିରାଡ଼ି ସାପ ମଜାରେ ବୁଲିଲେ । ଢ଼ାମଣା ଗୋଖରଙ୍କ କେଳି ଲାଗିଲା । ମୟୂର ଦି' ଚାରିଟା ଆସି ପୁଚ୍ଛ ମେଲେଇ ଦେଲେ । ଖରିଆ, କୁଟୁରାମାନେ ଫସଲ ଖାଇବାକୁ ଆସିଲେ । ମାଙ୍କଡ଼ମାନେ ସଭା ବସେଇଲେ । ଉଦ ଉଦଲିଆର ଶୁଭ ଚେହେରା ମନ ଉଚାଟ କଲାଣି । ବାଟୋଇମାନେ ପଡ଼ିଆ କଡ଼ରେ ଦଣ୍ଡେ ଅଟକି ନିରେଖି ଅନାଇବାକୁ ଲାଗିଲେ । ଗାଁ ଲୋକଙ୍କ ଉଦ୍ୟମ ବଢ଼ିଲା । ପଡ଼ିଆ ତଳପଟେ କୂଅଟିଏ ଖୋଳା ହେଲା । କୂଅରେ ତେଣ୍ଡା ବସିଲା । ବହଳିଆ ମାଟିଥିବା ଜାଗାମାନଙ୍କର ଗାତ ଖୋଳାଗଲା । ଗାତରେ ସବୁଜସାର ଭରିଦିଆଗଲା । କଦଳୀ ବଣ, ପିଜୁଳି ବାରି, ଆମ୍ବ, ପଣସର ତୋଟା ତିଆରି ହେଲା । ଉପରପଟେ କାଜୁସାଂଗକୁ ଆହୁରି କେତେ ପ୍ରକାର ଗଛ ଲାଗିଲା ।

ଏବେ ସେହି ପଡ଼ିଆଟି ବଦଳି ଯାଇଛି । ଏହା ଏକ ଆଶ୍ରମରେ ପରିଣତ ହୋଇଯାଇଛି । ଯୁବବାବାଜୀ ସଂସାର ପ୍ରତି ବିମୁଖ ହୋଇ ଘରଛାଡ଼ି ଚାଲି ଆସିଥିଲେ । ସଂସାର ମାୟାଜାଲକୁ କାଟି ମୁକ୍ତି ଖୋଜୁଥିଲେ । ସଂସାର ତ୍ୟାଗୀର ଯାତ୍ରା ଆରମ୍ଭ ହୋଇଯାଇଥିଲା । ଏବେ ସେ ନୂଆ ବାଟଟିକୁ ପାଇ ସାରିଛନ୍ତି । ତାଙ୍କର ନୂତନ ଜ୍ଞାନ ଉଦୟ ହୋଇଛି । ସେ ସଂସାରୀମାନଙ୍କର ସହଯୋଗ ପାଇଛନ୍ତି ଏବଂ ମାଟି ମାଆ

Digitized by srujanika@gmail.com

ମୁହଁରେ ହସ ଫୁଟାଇ ପାରିଛନ୍ତି । ଏବେ ତାଙ୍କୁ ସଂସାର ଭଲ ଲାଗିଲାଣି । ସଂସାରୀ ଜୀବନକୁ ଘୃଣା ନକରି ସଂସାରୀଟିଏ ହୋଇ ଜୀବନ ବଳିବା ପାଇଁ ବାବାଜୀ ରାଜି ହୋଇଗଲେ । ସେଇ ଗାଁରେ ତାଙ୍କ ଜୀବନ ସାଥୀ ମିଳିଗଲା । ବାବାଜୀ ଆଶ୍ରମର ମୁଖ୍ୟ । ତା ସାଙ୍ଗକୁ ଗାଁର ଜ୍ୱାଇଁ । ସମାଜ ଅନୁସାରେ ସେ ଏବେ ସଂସାରୀ । କିନ୍ତୁ ସେ ଜଣେ ଭିନ୍ନ ସଂସାରୀ ।

ସଂସାରର ଉବୁଟୁବୁ ହୋଇ ନାହାଁନ୍ତି । ସେ ଆକାଶ ଭଳି ନିଜକୁ ଖୋଲି ଧରିଲେ । ଜୀବନ ସାଥୀଙ୍କୁ ତାଙ୍କ ଜୀବନ ବଞ୍ଚିବା ପାଇଁ ବାଟ ଛାଡ଼ିଦେଲେ । ନିଜେ ନିଜବାଟଟିରେ ସ୍ଥିର ରହିଲେ । ତାଙ୍କ ଧ୍ୟାନ ଗଭୀର ହେଲା । ଆହୁରି ଅନେକ ସେ ଖୋଜିଲେ । ତାଙ୍କ ତପସ୍ୟାର ଆଲୋକ ତାଙ୍କ ବାଟକୁ ଆଲୋକିତ କରାଇ ଚାଲିଲା ।

ବାବାଜୀ ସଂସାରକୁ ସୁନ୍ଦର ଭାବରେ ଆଦରି ନେଇପାରିଲେ । ସଂସାରରେ ରହି ସଂସାର ପ୍ରତି ବିମୁଖ ସଂସାରୀମାନଙ୍କୁ ବାବାଜୀ ନିଜ

Digitized by srujanika@gmail.com

ଆଦର୍ଶକୁ ଟାଣି ଆଣିପାରିଲେ । ଆଶ୍ରମରେ ଅନେକ ସଂସାରୀ ଠୁଳ ହେଲେ । ବାବାଜୀଙ୍କ ଗୋଟିଏ ମନ୍ତ୍ର ସାରା ଆଶ୍ରମକୁ ଛୁଇଁ ଯାଉଥିଲା । ତାହା ହେଲା- ଏଠାରେ ନୂଆ ସଂସାରଟିଏ ହେବ । ଏଠାରେ ମଣିଷ କୃତ୍ରିମ ହେବ ନାହିଁ । ଛନ୍ଦ କପଟଠାରୁ ଦୂରରେ ରହିବ । କେହି ନିଜ ମୁଣିଟିକୁ ପୂରାଇବାକୁ ମନ କରିବେ ନାହିଁ । ମାଟି ମାଆର ବିସ୍ତୀର୍ଣ୍ଣ କୋଳ । ଏଠାରେ ପାଣିର ଅଭାବ ନାହିଁ । ଖୋଲା ପବନର ଅଭାବ ନାହିଁ । ସୂର୍ଯ୍ୟଦେବଙ୍କ କିରଣର ଅଭାବ ନାହିଁ । ଏଠାରେ କାହାର ପେଟ ଭୋକିଲା ରହିବ ନାହିଁ । ଆମ ମାନଙ୍କର ମନ ମାନିଛି । ପ୍ରତ୍ୟେକ ପ୍ରତ୍ୟେକଙ୍କୁ ବାଟ ଚାଲିବାରେ ସାହାଯ୍ୟ କରିବେ । ଏଠାରେ ସଂସାର ବଢ଼ିବ । ନୂଆ ଯୁଗର ସନ୍ତାନମାନେ ଜନ୍ମ ହେବେ । ସନ୍ତାନ ସନ୍ତତିମାନେ ବାପାମାଆଙ୍କର ସମ୍ପତ୍ତି ହୋଇ ରହିବେ ନାହିଁ । ପିଲାମାନେ ହେବେ ଏ ସଂସାରର । ସେମାନେ ଖାଇପିଇ ଖୁସିରେ ରହିବେ । ପାଠ ପଢ଼ିବେ । କାମ ଶିଖିବେ । ଆଉ କାହା ଉପରେ ଲଦି ହୋଇ ଜୀବନ ବଞ୍ଚିବେ ନାହିଁ । ଆଉ ଏକ ଖୁସିର ସଂସାର ଗଢ଼ିବେ । ମାତ୍ର ସବୁକିଛି ହେବ ସ୍ୱାଭାବିକ ଭାବରେ ।

ଆଗକୁ ସଂସାର ବଢ଼ିଲା । ନୂଆ ଉତ୍ସାହ ଓ ଉଦ୍ଦୀପନାରେ ଅଶାର ଡେଣା ମେଲି ଚାଲିଲା । ପିଲାମାନଙ୍କ ପାଇଁ ସ୍କୁଲଟିଏ ଆରମ୍ଭ ହେଲା । ରୋଗ ବୈରାଗ ପାଇଁ ଡ଼ାକ୍ତରଖାନାଟିଏ ବସିଲା । ବୈଷୟିକ ଜ୍ଞାନ ଲେଖିବା ପାଇଁ ବ୍ୟବସ୍ଥା ହେଲା ସମସ୍ତେ କାମ କଲେ । ମାତ୍ର କେହି ନିଜପାଇଁ ଧନ ସଞ୍ଚିଲେ ନାହିଁ । ଧନ ହେଲା ସମସ୍ତଙ୍କର ଏବଂ ଧନ ହେଲା ସଂସାରର । ସମସ୍ତେ ଏକାଠି ଖାଇଲେ ଏକାଠି ବିଚାର କଲେ । ଗୀତଗାଇଲେ ଓ ଖୁସିହେଲେ । ନୂଆ ସଂସାରଟିର ନୀୟମ ତିଆରି କଲେ । ସମସ୍ତ ନିୟମମାନି ଚଳିଲେ ।

ଏଠାରେ ଶାସନ ତାଡ଼ନା ନାହିଁ । କେହି ମନଇଚ୍ଛା ନିୟମ ଭାଙ୍ଗି ବିଶୃଙ୍ଖଳା ସୃଷ୍ଟି କରୁନାହିଁ । ସବୁରି ମୁହଁରେ ଫୁଟି ଉଠୁଛି ପ୍ରକୃତିର

Digitized by srujanika@gmail.com

ସୌନ୍ଦର୍ଯ୍ୟ । ଅନ୍ତରରେ ସତେ ଯେପରି ଜଳି ଉଠୁଛି ଜ୍ଞାନର ଆଲୋକ ବର୍ତ୍ତିକା । ଅଚ୍ୟୁତ ଦାଶଙ୍କ ସେହି ଉକ୍ତି - ''ତୋ ଭିତରେ ତୁହି ଦେଖ ଦିଶୁ ଅଛି ଜଳ ଜଳ''- କଥାଟିକୁ ଅନୁଭବ କରି ହେଉଛି ।

ଏବେ ବାବାଜୀଙ୍କ ବୟସ ଗଡ଼ିଯାଇଛି । ସଂସାର ଆଖିରେ ସେ ଏବେ ବୃଦ୍ଧ । କିନ୍ତୁ ଖୁସିର ଝଲକମାନ ତାଙ୍କ ମୁଖମଣ୍ଡଳକୁ ଛିଟିକା ପଡୁଛି । ତାଙ୍କ ଆଖି ସାମନାରେ ନୂଆ ସଂସାରର ଭବିଷ୍ୟତମାନେ ହସିଖେଳି କୁଦି ବୁଲୁଛନ୍ତି । ସ୍କୁଲ ପିଣ୍ଡାରୁ ସାନସାନ ପିଲାଙ୍କ ମୁକୁଳାହସ ଗଗନ ପବନକୁ ହଲେଇ ଦେଉଛି । ସଂଗୀତର ସ୍ୱରଧ୍ୱନି ମୋହିତ କରିଦେଉଛି । ଅନେକ ଆଶା ଓ ସ୍ୱପ୍ନ ଖେଳି ବୁଲୁଛନ୍ତି । କେହି ଅପହଞ୍ଚ ମନେ ହେଉ ନାହାଁନ୍ତି । 'ସବୁକିଛି ସମ୍ଭବ'- ଏ ଅଭୀପ୍‌ସାଟିକୁ କାମ କରିବାର ବାସ୍ତବଧାରାଟି ଆଲିଙ୍ଗନ କରି ଧରିଛି ।

Digitized by srujanika@gmail.com

ଆମେ ହସିଲେ

• ଜୟନ୍ତି ତ୍ରିପାଠୀ

ଆମେ ହସିଲେ ଦୁନିଆ ହସେ, ହସେ ଆକାଶ ତାରା,
ହସି ଉଠଇ ବଉଦ ତରୁ, ଜୁନି ଚାନ୍ଦଟା ପରା ।
ଲତା ଗଛରୁ ଫୁଲଟି ହସେ, ହସେ ପରଜାପତି,
ନୀଳ ଆକାଶେ ଚଢ଼େଇ ହସେ, ଗାଏ ପବନ ଗୀତି,
ସାଗର ହସେ ସୂରୁଯ ହସେ, ଶୁଖିଲା ମାଟି ହସେ,
ହସି ହସିକା ଦୂର ଆକାଶୁ, ବରଷା କେତେ ଖସେ ।
ଆମେ ହସିଲେ .....

ଆମ ହସରେ ଶୁଖାଇ ଦେବୁ, ସବୁରି ଆଖି ଲୁହ,
ସବୁରି ଓଠେ ଝରାଇ ଦେବୁ, ହସର ସୁନା ସୁଅ ।
ଗାଇବୁ ଆମେ ନାଚିବୁ ଆମେ, ବଜାଇ କେତେ ବାଜା
କରିବୁ ମଜା ଆମେରେ ସବୁ, ନୂଆ ଦୁନିଆ ରଜା ।

Digitized by srujanika@gmail.com

ନୂଆ ସକାଳ

ବିନୟକୃଷ୍ଣ ପଟ୍ଟନାୟକ

ନୂଆ ସକାଳ ... ନୂଆ ପରଶ ...
ନୂଆ ଦୁନିଆ ... ନୂଆ ମଣିଷ ...
ଆଖିରେ ନୂଆ ଝଲକ,
ଦେହରେ ନୂଆ ପୁଲକ,
ହାତରେ ନୂଆ ତାକତ,
ମନରେ ନୂଆ ବିଶ୍ୱାସ ।
ନୂଆ ସକାଳ .... (୦)

ନୂଆ ସକାଳର ତାଜା କିରଣଟା
ସୁନୀଳ ଆକାଶ (ତଳେ) ବିଶାଳ ଧରଣୀ
ମନେ ଭରେ ନୂଆ ସପନ,
ମଧୁର ତା' ବିହଗ ଗାନ,
ସବୁଜ ଆଶାର
ବିଭୋର ସପନେ,
ଜୀବନଟା ହୁଏ ଚଞ୍ଚଳ ।
ଆଖିରେ ....(୧)

ନୂଆ ସକାଳର ନୂଆ ରାହା ନେଇ
ଗରମ ରକତ ଅସରା ତାକତ
ଆମେରେ ତରୁଣ ଦଳ,
ତେଜି ଦିଏ ଆଶା ଝଲକ,
ଅସୀମ ଆକାଶେ
ଚଢ଼େଇର ପରିକା
ସରଜିବା ଅସରା ନୂଆ
ହସିବ ନୂଆ ଦୁନିଆଁ
ହଜିବ ଦୁଃଖ ନିରାଶା,
ଭରିବ ଖୁସି ସିନିହ,
ହସିବ ନୂଆ ମଣିଷ ।
ନୂଆ ସକାଳ .... (୨)



Digitized by srujanika@gmail.com